www.prepp.in

Prepp
Your Personal Exams Guide

Language Code : **14**

इस पुस्तिका में **20** मुद्रित पृष्ठ हैं।
This booklet contains **20** Printed pages.

# SAS-24-II

**प्रश्न-पत्र-II / PAPER-II**
**ओड़िया भाषा परिशिष्ट**
**Odia Language Supplement**
**भाग-IV & V / PART-IV & V**

**मुख्य परीक्षा पुस्तिका संख्या / Main Test Booklet No.**

**मुख्य परीक्षा पुस्तिका कोड / Main Test Booklet Code**
**N**

**इस परीक्षा पुस्तिका को तब तक न खोलें जब तक कहा न जाए।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए निर्देशों को ध्यान से पढ़ें।**
**Read carefully the Instructions on the Back Cover (Page 19 & 20) of this Test Booklet.**

**ओड़िया में निर्देशों के लिए इस पुस्तिका का पृष्ठ 2 देखें। / FOR INSTRUCTIONS IN ODIA SEE PAGE 2 OF THIS BOOKLET.**

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **ओड़िया** भाषा में देना चाहते हैं, लेकिन **दोनों नहीं**।
2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं। भाषा परिशिष्टों को आप अलग से माँग सकते हैं।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें।
5. इस भाषा पुस्तिका का **संकेत** है **N**। यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है। अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा-I (ओड़िया) (प्र. 91 से प्र. 120)
   भाग-V : भाषा-II (ओड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं। इस परीक्षा पुस्तिका में केवल ओड़िया भाषा से संबंधित प्रश्न दिए गए हैं। **यदि भाषा-I और/या भाषा-II में आपके द्वारा चुनी गई भाषा(एँ) ओड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए। जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा-I (भाग-IV) में चुनी गई भाषा से भिन्न हो।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें।
10. सभी उत्तर केवल OMR उत्तर पत्र पर ही अंकित करें। अपने उत्तर ध्यानपूर्वक अंकित करें। उत्तर बदलने हेतु श्वेत रंजक का प्रयोग निषिद्ध है।

## INSTRUCTIONS FOR CANDIDATES

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page/marking responses in the Answer Sheet.
5. The CODE for this Language Booklet is **N**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language-I (Odia) (Q. 91 to Q. 120)
   Part-V : Language-II (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part-V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ______________________
Name of the Candidate (in Capitals) :

अनुक्रमांक : (अंकों में) / Roll Number : in figures ______________________
: शब्दों में / in words ______________________

परीक्षा केन्द्र (बड़े अक्षरों में) : ______________________
Centre of Examination (in Capitals) :

परीक्षार्थी के हस्ताक्षर : ______________________ निरीक्षक के हस्ताक्षर : ______________________
Candidate's Signature : Invigilator's Signature :

Facsimile Signature Stamp of
Centre Superintendent : ______________________

www.prepp.in

Prepp Your Personal Exams Guide

Language Code : **14**

# SAS-24-II

ପରୀକ୍ଷା ପୁସ୍ତିକା କୋଡ୍

**N**

ଏହି ପୁସ୍ତିକାରେ 20 ପୃଷ୍ଠା ଅଛି

## ପ୍ରଶ୍ନପତ୍ର - II
## ଓଡ଼ିଆ ଭାଷା ପରିଶିଷ୍ଟ
## ଭାଗ IV & V

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶାବଳୀ ଭଲ ଭାବରେ ପଢ଼ନ୍ତୁ ।**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :**

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟିଯାକ ଭାଗ ପାଇଁ ନୁହେଁ ।**
2. ପରୀକ୍ଷାର୍ଥୀ I, II, III ଭାଗର ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ବାଛିଥିବା ଭାଷାରେ ଦେବେ ।
3. ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ଇଂରାଜୀ ଓ ହିନ୍ଦୀ ଭାଷାରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **N** । ମୁଖ୍ୟ ପ୍ରଶ୍ନପତ୍ର ଉପରେ ଓ ଉତ୍ତରଖାତାର **ପୃଷ୍ଠା-2** ରେ ସମାନ କୋଡ ରହିବା ଆବଶ୍ୟକ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ - ଭାଗ IV ଓ ଭାଗ V, ଏହା ସମୁଦାୟ **60** ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।

   | | | | | |
   |---|---|---|---|---|
   | ଭାଗ - IV | : | ଭାଷା - I | (ଓଡ଼ିଆ) | (ପ୍ରଶ୍ନ 91 ରୁ 120) |
   | ଭାଗ - V | : | ଭାଷା - II | (ଓଡ଼ିଆ) | (ପ୍ରଶ୍ନ 121 ରୁ 150) |

7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ, ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫ୍‌କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତରଖାତାରେ, ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ : ______________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ : ______________________

: ଶବ୍ଦରେ ଲେଖନ୍ତୁ : ______________________

ପରୀକ୍ଷା କେନ୍ଦ୍ର : ______________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର ______________

Facsimile signature stamp of
Centre Superintendent : ______________________

prepp
Your Personal Exams Guide

ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV (Q.No. 91-120)**, if they have opted **ODIA** as **Language-I** only.

Prepp
Your Personal Exams Guide

## PART-IV

## LANGUAGE-I

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନଲିଖିତ ଅନୁଚ୍ଛେଦ ପାଠକରି 91-99 ପ୍ରଶ୍ନର ଉତ୍ତର ପ୍ରଦାନ କର ।**

ଓଡ଼ିଆମାନେ ନିଜ ରାଜ୍ୟରେ ଉଦରପୋଷଣର ଉପାୟ ନ ପାଇ କଲିକତା, ରେଙ୍ଗୁନ, ଆସାମ ପ୍ରଭୃତି ସ୍ଥାନକୁ ପଳାଇଯାଇ ସେଠାରେ କୁଲି-ପାଚକ ଇତ୍ୟାଦି ରୂପେ ଜୀବନଯାପନ କଲେ । ଫଳରେ ଅନ୍ୟ ଭାରତୀୟମାନଙ୍କ ମନରେ କ୍ରମଶଃ ଧାରଣା ହେଲା ଯେ, ଓଡ଼ିଶା ଗୋଟିଏ କୁଲିର ଦେଶ ଏବଂ ଏଠାରେ ଉଚ୍ଚତର କର୍ମରେ ଯୋଗ୍ୟ ହେବା ଭଳି ଲୋକ ନାହାନ୍ତି ।

ଏହି ଧାରଣା କେବଳ ଭାରତରେ ନୁହେଁ, ମୋ ସମୟର ଓଡ଼ିଶାରେ ମଧ୍ୟ ବଦ୍ଧମୂଳ ହୋଇସାରିଥିଲା । 1931ରୁ 1935 ମଧ୍ୟରେ ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିବାବେଳେ ମୁଁ ନିଜେ ଏହି କଥା ଅନୁଭବ କରିଥିଲି । ଭୁବନେଶ୍ୱର କିମ୍ବା ପୁରୀକୁ ଗଲେ ପଣ୍ଡାମାନେ ମୋତେ ଲକ୍ଷ୍ୟକରି କହୁଥିଲେ - ‘‘ଆସୁନ୍ ବାବୁ, ଆସୁନ୍ । ଆପନାର ବାଡ଼ି କୋଥାୟ ? କିଛୁ ଦିତେ ନିତେ ହବେ ନା ।’’ ଗଉଡ଼-ଗଉଡୁଣୀମାନେ କହୁଥିଲେ - ‘‘ଦୁଧ୍ ନିବେ ବାବୁ, ଭାଲ ଦୁଧ୍ ।’’ ଏମାନଙ୍କ ସଙ୍ଗରେ ଓଡ଼ିଆରେ ଯେତେ କଥାବାର୍ତ୍ତା କଲେ ମଧ୍ୟ ଏମାନେ ବିଶ୍ୱାସ କରିପାରୁ ନଥିଲେ ଯେ ଓଡ଼ିଆମାନଙ୍କ ଯୋଗ୍ୟତା ଓ କୃତିତ୍ୱ ପ୍ରତି ଅବିଶ୍ୱାସ କେବଳ ଅଣଓଡ଼ିଆମାନଙ୍କର ନଥିଲା; ଓଡ଼ିଆମାନଙ୍କର ମନରେ ମଧ୍ୟ ଏହା ବଦ୍ଧମୂଳ ହୋଇସାରିଥିଲା । ଏହି ଅବିଶ୍ୱାସ ମଧ୍ୟରେ ମୋର ଜନ୍ମ ଘଟିଥିଲା ଓ କର୍ମଜୀବନ ବିତିଯାଇଛି ଏବଂ ଏହି ଅବିଶ୍ୱାସ ମଧ୍ୟରେ ମୋର ମୃତ୍ୟୁ ଘଟିବ । ଓଡ଼ିଆମାନଙ୍କ ଯୋଗ୍ୟତା ପ୍ରତି ଅଣଓଡ଼ିଆ ଓ ଓଡ଼ିଆମାନଙ୍କ ମନରେ ଯେଉଁ ଅବିଶ୍ୱାସର ବିଷ ଘାରିଯାଇଛି, ସେଥିମଧ୍ୟରୁ ଓଡ଼ିଆମାନଙ୍କର ଅବିଶ୍ୱାସର ବିଷ ଉତ୍କଟତର । ଏପରି ଅବସ୍ଥାରେ ଓଡ଼ିଶାର ଅନଗ୍ରସରତା ପାଇଁ କେବଳ ପ୍ରତିବେଶୀମାନଙ୍କ ଉପରେ ଦୋଷ ଲଦିଦେଲେ ଏ ବିଷର ଉପଶମ ଘଟିବ ନାହିଁ ।

ଓଡ଼ିଶା ଏହି ଅବସ୍ଥାରେ ଥିବାବେଳେ ମୁଁ ଭାରତ ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ ହୋଇପଡ଼ିଥିଲି । ଆଗରୁ ଲେଖିଛି ଯେ ପ୍ରାଥମିକ ସ୍କୁଲର ଜଣେ ଶିକ୍ଷକ ହେବା ହିଁ ମୋର ବାଲ୍ୟକାଳର ଉଚ୍ଚତମ ଲକ୍ଷ୍ୟ ଥିଲା; ମାତ୍ର ଅଦୃଷ୍ଟ କର୍ଣ୍ଣଧାର ମୋର ଜୀବନ ତରୀକୁ ବାହିନେଇ ବହୁ ସ୍ଥାନରେ ଲଗାଇଦେଲେ । ଓଡ଼ିଶା ବାହାରେ ସର୍ବମୋଟ ଷୋଳବର୍ଷ ରହିବାବେଳେ ମୁଁ ଅବିଭକ୍ତ ଭାରତର ପ୍ରାୟ ସର୍ବାଞ୍ଚଳରେ ପରିଭ୍ରମଣ ଓ ଅବସ୍ଥାନ କରିବାର ସୁଯୋଗ ପାଇଥିଲି ।

**91.** ଅନୁଚ୍ଛେଦରେ ଅଦୃଷ୍ଟ କର୍ଣ୍ଣଧାର କିଏ ?

(1) ନେତା (2) ଈଶ୍ୱର

(3) ଶୁଭେଚ୍ଛୁ (4) ସରକାର

**92.** ‘ଅବିଶ୍ୱାସ’ - କେଉଁ ସମାସ ?

(1) ବହୁବ୍ରୀହି (2) କର୍ମଧାରୟ

(3) ଦ୍ୱନ୍ଦ୍ୱ (4) ନଞ୍ ତତ୍ପୁରୁଷ

93. 'ପାଚକ' - ଶବ୍ଦର ଅର୍ଥ କ'ଣ ?

(1) ପେଚକ (2) ରୋଷେଇଆ

(3) ଚମ୍ପାଫୁଲ (4) ପାଚିଲା

94. ଓଡ଼ିଆମାନେ ନିଜ ରାଜ୍ୟ ଛାଡ଼ି ବାହାରକୁ କାହିଁକି ଯାଆନ୍ତି ?

(1) କର୍ମ ଅନୁସନ୍ଧାନ ପାଇଁ (2) ଚାକିରୀ କରିବା ପାଇଁ

(3) ଖେଳକୁଦ ପାଇଁ (4) ପାଠପଢ଼ିବା ପାଇଁ

95. ଓଡ଼ିଶାରେ ଉଚ୍ଚତର କର୍ମ ପାଇଁ __________ ନାହାନ୍ତି ବୋଲି ଅନେକ ଭାରତୀୟଙ୍କ ଧାରଣା ।

(1) ଯୋଗ୍ୟଲୋକ (2) ପଥପ୍ରଦର୍ଶକ

(3) ପ୍ରେରଣାଦାତା (4) ବିଶେଷଜ୍ଞ

96. ପୁରୀରେ ପଣ୍ଡାମାନେ କେଉଁ ଭାଷାରେ କଥାବାର୍ତ୍ତା କରୁଥିଲେ ?

(1) ସଂସ୍କୃତରେ (2) ହିନ୍ଦୀରେ

(3) ବଙ୍ଗଳାରେ (4) ଶୁଦ୍ଧ ଓଡ଼ିଆରେ

97. 'ପ୍ରତିବେଶୀ' - କହିଲେ କ'ଣ ବୁଝାଯାଏ ?

(1) ପଡ଼ୋଶୀ (2) ପ୍ରିୟଜନ

(3) ପିତାମାତା (4) ବନ୍ଧୁ

98. ଲେଖକଙ୍କ ଜନ୍ମ ଓ ଜୀବନ କେଉଁ ପରିସ୍ଥିତି ସହ ସମ୍ପୃକ୍ତ ଥିଲା ?

(1) ଅବିଶ୍ୱାସ (2) ଉତ୍ତମ

(3) ଅଶାନ୍ତଜନକ (4) ସଂକଟଜନକ

99. ଲେଖକଙ୍କ ଜୀବନର ଲକ୍ଷ୍ୟ କ'ଣ ଥିଲା ?

(1) ଡାକ୍ତର ହେବା (2) ଦେଶସେବକ ହେବା

(3) ପ୍ରାଥମିକ ସ୍ତରରେ ଶିକ୍ଷକତା କରିବା (4) ବୈଜ୍ଞାନିକ ହେବା

www.prepp.in

**ନିମ୍ନ କବିତାଂଶଟି ପାଠକରି 100-105 ପ୍ରଶ୍ନର ଉତ୍ତର ପ୍ରଦାନ କର ।**

ଫୁଟିଲା ଲାବଣ୍ୟ ସରସେ,
ନବ କମଳ-କଳି ।
ସ୍ୱଭାବେ ସୁବର୍ଣ୍ଣ, ଯୌବନ
ହେଲା ଯୋଗ୍ୟ ରସାଣ,
ରୂପାସ୍ୱର ହେଲା ରୂପସୀ
ଷଷ୍ଠ ଅମୋଘ ବାଣ ।
ସତ୍ୟେ ଶକୁନ୍ତଳା ଯେମନ୍ତ
ରୂପରାଜ୍ୟେ ଅତୁଳା,
ଚନ୍ଦ୍ରଭାଗା ହେଲା କଳିରେ
ଦିବ୍ୟ ଶୋଭା ପିତୁଳା ।
ଥିଲେ ଚନ୍ଦ୍ରଭାଗା-ଜନନୀ
ପୂର୍ବେ ବାଲ୍ୟ ସମୟେ,
ପ୍ରିୟ ସହଚରୀ ରମାଙ୍କ
ନୀଳ ବରୁଣାଳୟେ ।
ସଖୀ ଅନୁରୋଧେ ଇନ୍ଦିରା
ଦେଲେ କୋଠଭଣ୍ଡାରୁ,
ଚନ୍ଦ୍ରଭାଗା ପାଇଁ ବିବିଧ
ବସ୍ତ୍ର ଭୂଷଣ ଚାରୁ ।

**100.** 'ରୂପରାଜ୍ୟ' - ର କେଉଁ ବ୍ୟାସ ବାକ୍ୟଟି ଠିକ୍ ?

(1) ରୂପରେ ରାଜ୍ୟ (2) ରୂପନିମିତ୍ତ ରାଜ୍ୟ (3) ରୂପ ଅଟେ ରାଜ୍ୟ (4) ରୂପର ରାଜ୍ୟ

**101.** ଇନ୍ଦିରା କୋଠଭଣ୍ଡାରରୁ ଚନ୍ଦ୍ରଭାଗାଙ୍କୁ କ'ଣ ଦେଇଥିଲେ ?

(1) ଧନରତ୍ନ (2) ସ୍ୱର୍ଣ୍ଣଭୂଷଣ (3) ବସ୍ତ୍ରଭୂଷଣ (4) ଅଳଂକାର

**102.** 'ରୂପାସ୍ୱ' - କାହାକୁ ବୁଝାଉଛି ?

(1) ରୂପସୀ ବାଳା (2) ମଦନ (3) ତାମ୍ର ନିର୍ମିତ ଅଶ୍ୱ (4) ରୁପାର ଅଶ୍ୱ

**103.** ରମାଙ୍କର ବାସଭବନ କେଉଁଠାରେ ବୋଲି କୁହାଯାଇଛି ?

(1) ସମୁଦ୍ର (2) କୋଠଭଣ୍ଡାର (3) ପୁଷ୍କରିଣୀ (4) ଉଦ୍ୟାନ

**104.** 'ବରୁଣାଳୟ' - ର କେଉଁ ବିଚ୍ଛେଦଟି ଠିକ୍ ?

(1) ବ+ରୁଣାଳୟ (2) ବରୁଣା+ଆଳୟ (3) ବରୁ+ଣାଳୟ (4) ବରୁଣ+ଆଳୟ

**105.** 'ନବକଳିକା କଳି' - ଏଥିରେ 'କଳି'ର ଅର୍ଥ କ'ଣ ?

(1) ପାଖୁଡ଼ା (2) କଢ଼ି (3) କଳିଯୁଗ (4) ଝଗଡ଼ା

**106.** ଔପଚାରିକ ଶିକ୍ଷା __________ ପାଇଁ ।

(1) ଭାଷା ଶିକ୍ଷାରେ କେତେକ ନିର୍ଦ୍ଦିଷ୍ଟ ପିଲା ସେମାନଙ୍କ ଶିକ୍ଷଣରେ ପରିମାର୍ଜନ ଚାହୁଁଥିବା ଶିକ୍ଷକଙ୍କ

(2) ଶିକ୍ଷାର୍ଥୀ ଓ ଶିକ୍ଷକ ସେମାନଙ୍କ ଶିକ୍ଷା/ଶିକ୍ଷଣ କୌଶଳର ଉନ୍ନତି ପାଇଁ ବୁଝିବା ଓ ପରିବର୍ତ୍ତନ କରିବା

(3) ଭାଷା ପରୀକ୍ଷାରେ ଶିକ୍ଷାର୍ଥୀ ଓ ଶିକ୍ଷକ ଅଧିକ ନମ୍ବର ରଖିବା

(4) ଭାଷା ଶିକ୍ଷାରେ କେତେକ ନିର୍ଦ୍ଦିଷ୍ଟ ବିଷୟରେ ଅଧିକ ଧ୍ୟାନ ଆକର୍ଷଣ କରୁଥିବା ବିଦ୍ୟାର୍ଥୀଙ୍କ

**107.** ଷଷ୍ଠ ଶ୍ରେଣୀର ଛାତ୍ରୀ ଶ୍ରେୟାର ବାପାଙ୍କର ବଦଳି ହେବାରୁ ସେ ପଞ୍ଜାବର ଜଳନ୍ଧରରୁ ତାମିଲ୍‌ନାଡୁର ମଦୁରାଇକୁ ଆସିଛି । ସେ ତାର ମାତୃଭାଷା ପଞ୍ଜାବୀ ଜାଣେ । ସ୍କୁଲରେ ଇଂରାଜୀକୁ ସେ ଦ୍ୱିତୀୟ ଭାଷାଭାବେ ପଢ଼ିଛି । ସେ ପଡ଼ୋଶୀମାନଙ୍କ ଠାରୁ ତାମିଲ୍ ପଢ଼ିବା ଓ ଲେଖିବା ଶିଖିଯାଇଛି । ସେ ଜାଣିଥିବା ଭାଷା ଅନୁସାରେ କେଉଁ ମନ୍ତବ୍ୟଟି ସତ୍ୟ ?

(1) ତାର ତାମିଲ୍, ଭାଷା ଆହରଣରେ ଆସୁଛି ଏବଂ ଇଂରାଜୀ ଓ ପଞ୍ଜାବୀ ଭାଷା ଶିକ୍ଷାରେ ଆସୁଛି ।

(2) ପଞ୍ଜାବୀ, ତାମିଲ୍ ଓ ଇଂରାଜୀ - ତିନୋଟି ଯାକ ଭାଷା, ଭାଷା ଶିକ୍ଷଣରେ ଆସୁଛି ।

(3) ତାର ଇଂରାଜୀ, ଭାଷା ଆହରଣରେ ଆସୁଛି ଏବଂ ପଞ୍ଜାବୀ ଓ ତାମିଲ୍, ଭାଷା ଶିକ୍ଷଣରେ ଆସୁଛି ।

(4) ତାର ପଞ୍ଜାବୀ ଓ ତାମିଲ୍, ଭାଷା ଆହରଣରେ ଆସୁଛି ଏବଂ ଇଂରାଜୀ ଭାଷା ଶିକ୍ଷାରେ ଆସୁଛି ।

**108.** ଏଥିମଧ୍ୟରୁ କେଉଁଟି ବିସ୍ତୃତ ପଠନର ଉଦ୍ଦେଶ୍ୟ ନୁହେଁ ?

(1) କଳନା ପାଇଁ ପଠନ (2) ବ୍ୟାକରଣ ଶିକ୍ଷା ପାଇଁ ପଠନ

(3) ଆନନ୍ଦ ପାଇଁ ପଠନ (4) ପ୍ରଶଂସା ପାଇଁ ପଠନ

**109.** ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ଜଣେ ଶିକ୍ଷକ ଚାରିଜଣ ବିଦ୍ୟାର୍ଥୀଙ୍କୁ ନେଇ ଏକ ସହଯୋଗାତ୍ମକ ଗ୍ରୁପ୍ ଗଠନ କରି ସେମାନଙ୍କୁ ବିଭିନ୍ନ ଭୂମିକା ପ୍ରଦାନ କରିଛନ୍ତି । ପାଠ୍ୟର ଅନୁଚ୍ଛେଦରେ ଥିବା ସଂଳାପ ପିଲାଙ୍କ ମଧ୍ୟରେ ନ୍ୟୂନତମ ବିକାଶ ସହିତ ପଠନଗତ ବୋଧଜ୍ଞାନରେ ଉନ୍ନତି ଆଣିଥାଏ । ଏହି ପଦ୍ଧତିଟିକୁ କୁହାଯାଏ -

(1) ପାରସ୍ପରିକ ଶିକ୍ଷା (2) ଢାଞ୍ଚାଗତ ପଦ୍ଧତି

(3) ନମୁନା ପଠନ (4) ବ୍ୟାକରଣ ଅନୁବାଦ ପଦ୍ଧତି

**110.** ଦୈନନ୍ଦିନ ଜୀବନରେ ଏବଂ ମୁହାଁମୁହିଁ ଆମେ ବ୍ୟବହାର କରୁଥିବା ଭାଷା __________ ନାମରେ ଅଭିହିତ ।

(1) ମୌଳିକ ଓ ପାରସ୍ପରିକ ବାର୍ତ୍ତାଳାପ କୌଶଳ

(2) କଥୋପକଥନଧର୍ମୀ ଭାଷିକ କୌଶଳ

(3) ପାରସ୍ପରିକ ଭାଷା ପ୍ରବୀଣତା

(4) ବୋଧଜ୍ଞାନ ଆଧାରିତ ସାଧାରଣ ଭାଷା ପ୍ରବୀଣତା

**111.** କେତେକ ନିର୍ଦ୍ଦିଷ୍ଟ ତଥ୍ୟ ପାଇଁ ଜଣେ ଶିକ୍ଷାର୍ଥୀ ଖବରକାଗଜରୁ ଖବର ପଢୁଛନ୍ତି । ଏହି ପଠନକୁ କୁହାଯାଏ -

(1) ଅପସାରଣ
(2) ନିରୀକ୍ଷଣ
(3) ଅଧ୍ୟୟନ କୌଶଳ
(4) ଆଲୋଚନାତ୍ମକ ପଠନ

**112.** ଜଣେ ଶିକ୍ଷକ ମାଧ୍ୟମିକ ସ୍ତରର ପିଲାଙ୍କୁ ଏକ ବିଷୟ/କ୍ଷୁଦ୍ରଗଳ୍ପ ଦେଇ ଶକ୍ତି ଓ ନ୍ୟାୟ ଦୃଷ୍ଟିକୋଣରୁ ଏହାର ଅର୍ଥ ଓ ଉଦ୍ଦେଶ୍ୟକୁ ପଢ଼ି ଆଲୋଚନା କରିବାକୁ କହିଛନ୍ତି । ଏଠାରେ ଶିକ୍ଷକ ବିଦ୍ୟାର୍ଥୀଙ୍କର କ'ଣ ବିକାଶ କରିବାକୁ ଚାହୁଁଛନ୍ତି ?

(1) ଆଲୋଚନାତ୍ମକ ଶିକ୍ଷଣ ପଦ୍ଧତି
(2) ଆଲୋଚନାତ୍ମକ ଭାଷା ବିକାଶ
(3) ଉଚ୍ଚତର ଭାଷିକ କୌଶଳ
(4) ଆଲୋଚନାତ୍ମକ ସାକ୍ଷର କୌଶଳ

**113.** ବ୍ୟାକରଣ ଶିକ୍ଷା ଶିକ୍ଷଣରେ ସୂତ୍ରଗତ ଜ୍ଞାନ ହେଉଛି -

(1) ବ୍ୟାକରଣଗତ ପାଠ ବିଷୟରେ ଜାଣିବା

(2) ବ୍ୟାକରଣଗତ ପାଠର ସୂତ୍ର ଜାଣିବା

(3) ଭାଷା ଓ ଏହାର ସଂସ୍କୃତିକୁ ଜାଣିବା

(4) ବ୍ୟାକରଣଗତ ପାଠକୁ କିପରି କରିବାକୁ ହେବ ଜାଣିବା

**114.** ତ୍ରିଭାଷୀ ସୂତ୍ର ସମ୍ପର୍କରେ କେଉଁ ବିକଳ୍ପଟି ସତ୍ୟ ?

(1) ଇଂରାଜୀ/ହିନ୍ଦୀ/ଘରୋଇ ଭାଷା/ପ୍ରଥମ ଭାଷା ଭାବେ ସ୍ଥାନୀୟ ଭାଷା

(2) ମାତୃଭାଷା/ଘରୋଇ ଭାଷା/ପ୍ରଥମ ଭାଷା ଭାବେ ହିନ୍ଦୀ

(3) ମାତୃଭାଷା/ଘରୋଇ ଭାଷା/ପ୍ରଥମ ଭାଷା ଭାବେ ଇଂରାଜୀ

(4) ମାତୃଭାଷା/ଘରୋଇ ଭାଷା/ପ୍ରଥମ ଭାଷା ଭାବେ ଆଞ୍ଚଳିକ ଭାଷା

**115.** ଜଣେ ଭାଷା ଶିକ୍ଷକ ଇଂରାଜୀରେ ଏକ ଗଳ୍ପ କହି ପିଲାମାନଙ୍କୁ ନିଜନିଜ ଭାଷାରେ ଦଳ ଦଳ ହୋଇ ସେହି ଗପ କହିବାକୁ ଦେଇଛନ୍ତି ଏବଂ ତାପରେ ଏକ ସାଧାରଣ ଭାଷାରେ କ୍ଲାସ୍‌ରୁମ ଭିତରେ ଏହାକୁ କହିବାକୁ କହିଛନ୍ତି । ଏହି ଭାଷାଶିକ୍ଷା ପଦ୍ଧତିର କୌଶଳ __________ ଭାବେ ପରିଚିତ ।

(1) ବହୁଭାଷିକ ନୀତି
(2) ବହୁଭାଷା ଶିକ୍ଷା
(3) ଭାଷା ଆହରଣ
(4) ଭାଷା ପରିବର୍ତ୍ତନ

www.prepp.in

prepp
Your Personal Exams Guide

**116.** କୋଝିକଡ଼ିରେ ମାଲାୟାଲମ୍ କହୁଥିବା ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ସେହି ଏକା ଯାଗାରେ ଏକାଭାଷା କହୁଥିବା ଲୋକଙ୍କ ଠାରୁ ସାମାନ୍ୟ ବ୍ୟତିକ୍ରମ ମନେ ହୋଇଥାନ୍ତି । ସେହି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମାଲାୟାଲମ୍ କଥନକୁ କ'ଣ କୁହାଯାଏ ?

(1) ମାଲାୟାଲମ୍‌ର ଆଞ୍ଚଳିକ ଉପଭାଷା

(2) ମାଲାୟାଲମ୍‌ର ସାମାଜିକ ଉପଭାଷା

(3) ସେମାନେ ଉଭୟ ଭିନ୍ନ ପ୍ରକାରର ଭାଷା

(4) ମାଲାୟାଲମ୍‌ର ଦ୍ୱୈତରୂପ

**117.** ଆନ୍ତଭାଷିକ ଚିହ୍ନ କ'ଣ ?

(1) ବିଦ୍ୟାର୍ଥୀଙ୍କ ମତରେ ସ୍ଥାନୀୟ ଭାଷା ଓ ଲକ୍ଷ୍ୟଭାଷାରେ କେତେକ ସମାନ ନୁହେଁ

(2) ବିଦ୍ୟାର୍ଥୀଙ୍କ ମତରେ ସ୍ଥାନୀୟ ଭାଷାଜ୍ଞାନ ଦ୍ୱିତୀୟ ଭାଷା ଶିକ୍ଷାରେ ବାଧା ଦେଇଥାଏ

(3) ବିଦ୍ୟାର୍ଥୀ ବୁଝନ୍ତି ବିଭିନ୍ନ ଭାଷା ଶିକ୍ଷା ବିଭିନ୍ନ ପ୍ରକାର ଦକ୍ଷତାକୁ ସମର୍ଥନ କରିଥାଏ

(4) ବିଦ୍ୟାର୍ଥୀଙ୍କ ମତରେ ସ୍ଥାନୀୟ ଭାଷା ଓ ଲକ୍ଷ୍ୟଭାଷାର କେତେକ ଜିନିଷ ସମାନ

**118.** ବିଭିନ୍ନ ଦଳର ପିଲାଙ୍କୁ ନିମ୍ନ ଶିକ୍ଷଣ କାର୍ଯ୍ୟ ଦିଆଯାଇଥିଲା । ଏଥିମଧ୍ୟରୁ ଶବ୍ଦଜ୍ଞାନ ଶିକ୍ଷଣ କାର୍ଯ୍ୟ କିଭଳି ଭାବେ ପରିଚିତ ?

ପରିବାର  ସମ୍ପର୍କ  ଅନୁଭବ

(1) ଶବ୍ଦଗୁଚ୍ଛ

(2) ଶବ୍ଦସମ୍ଭାର ପୁଞ୍ଜି

(3) ୱାଡ଼ ୱେବ୍

(4) ବିଷୟଗତ ଶବ୍ଦଜ୍ଞାନ

**119.** ସପ୍ତମ ଶ୍ରେଣୀର ଜଣେ ଶିକ୍ଷକ ଦଶଧାଡ଼ିଆ ଗୋଟିଏ ଲେଖା ଗଳ୍ପ ଯୋଡ଼ିଯୋଡ଼ି ପିଲାଙ୍କୁ ଯୁଗ୍ମ କାର୍ଯ୍ୟ ଭାବରେ ଦେଇଛନ୍ତି । ଗୋଟିଏ ଯୋଡ଼ିରୁ ଜଣେ ପ୍ରଥମ ଧାଡ଼ି ପଢ଼ିଛି ଓ ଅନ୍ୟଜଣକ ସେହି ଧାଡ଼ିଟିକୁ ଲେଖିଛି । ଅନ୍ୟ ଯୋଡ଼ିରେ ଜଣେ ଦ୍ୱିତୀୟ ଧାଡ଼ି ପଢ଼ିଛି ଓ ଅନ୍ୟଜଣକ ଦ୍ୱିତୀୟ ଧାଡ଼ିଟିକୁ ଲେଖିଛି । ଏହିପରି ସବୁ ଯୋଡ଼ି ସମୁଦାୟ ଗଳ୍ପଟିକୁ ଶେଷ କରିଛନ୍ତି । ପରେ ସେମାନଙ୍କୁ ଦିଆଯାଇଥିବା ମୌଳିକ ପାଠ ସହିତ ନିଜର ଲେଖାକୁ ମିଳାଇଛନ୍ତି । ଏ ପ୍ରକାର କାର୍ଯ୍ୟକୁ କ'ଣ କୁହାଯାଏ ?

(1) ପାରସ୍ପରିକ ଶ୍ରବଣ

(2) ବାକ୍ୟ ଶ୍ରୁତଲିଖନ

(3) ପାରସ୍ପରିକ ଶ୍ରୁତଲିଖନ

(4) ପାରସ୍ପରିକ ଲିଖନ

**120.** ଏଥିମଧ୍ୟରୁ କେଉଁଟି ସାଂକେତିକ ଭାଷା ସମ୍ପର୍କରେ ସତ୍ୟ ନୁହେଁ ?

(1) ସାଂକେତିକ ଭାଷା ଏକ ପ୍ରାକୃତିକ ଭାଷା

(2) ସାଂକେତିକ ଭାଷାର ବ୍ୟାକରଣ ନଥାଏ

(3) ସାଂକେତିକ ଭାଷାର ବ୍ୟାକରଣ ଥାଏ

(4) ସାଂକେତିକ ଭାଷା ବହୁ ପ୍ରକାରର

Prepp
Your Personal Exams Guide

ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V (Q.No. 121-150)**, if they have opted **ODIA** as **Language-II** only.

Prepp
Your Personal Exams Guide

# PART-V

## LANGUAGE-II

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 121-128 ର ଉତ୍ତର ପ୍ରଦାନ କର ।**

1568 ରୁ 1947 ପର୍ଯ୍ୟନ୍ତ 379 ବର୍ଷ ଧରି ଓଡ଼ିଶାରେ ଗୋଟାଏ ଦୀର୍ଘ ଅନ୍ଧକାରମୟ ଯୁଗ ଚାଲିଥିଲା । ଏଠାରେ ଓଡ଼ିଆମାନେ ଥିଲେ, ମାତ୍ର ସେମାନେ ପରସ୍ପରକୁ ଚିହ୍ନୁ ନଥିଲେ । ଏହି ଅନ୍ଧକାରମୟ ଯୁଗର ଶେଷପର୍ଯ୍ୟାୟରେ ହିଁ ମଧୁସୂଦନ ଓ ଗୋପବନ୍ଧୁଙ୍କ ଭଳି କେତେକ ତୁଙ୍ଗ ଓଡ଼ିଆ ନେତା ସର୍ବଭାରତୀୟ କ୍ଷେତ୍ରରେ ଖ୍ୟାତିସମ୍ପନ୍ନ ହୋଇଥିଲେ; ମାତ୍ର ତା ପୂର୍ବରୁ କୌଣସି ଓଡ଼ିଆ କୌଣସି କ୍ଷେତ୍ରରେ ଖ୍ୟାତିଲାଭ କରି ନଥିଲେ । ଅତଏବ ଜଣାଯାଏ ଯେ ଏହି ଦୀର୍ଘସମୟ ମଧ୍ୟରେ ଓଡ଼ିଆମାନେ ଜୀବନ୍ମୃତ ହୋଇ ରହିଥିଲେ । ଏମାନଙ୍କ ଅବସ୍ଥିତି ଥିଲା, ମାତ୍ର ଶକ୍ତି ନଥିଲା । ଏମାନଙ୍କ ଗୌରବୋଜ୍ଜଳ ଅତୀତ ଥିଲା, ମାତ୍ର ଏହା ସମ୍ପୂର୍ଣ୍ଣ ରୂପେ ବିସ୍ମୃତ ହେବା ଫଳରେ ଏଥିରୁ କୌଣସି ଫଳପ୍ରଦ ପ୍ରେରଣା ମିଳୁ ନଥିଲା । ବାଣିଜ୍ୟ, କୃଷି ଓ ରାଜସେବା ବଳରେ ହିଁ କୌଣସି ଜାତି ଉନ୍ନତ ଆର୍ଥିକ ଅବସ୍ଥା ଲାଭ କରିଥାଏ; ମାତ୍ର ଏହି ଅନ୍ଧକାରମୟ ଯୁଗରେ ଏ ସମସ୍ତ ଅଣଓଡ଼ିଆମାନଙ୍କ ହାତକୁ ଚାଲିଯାଇଥିଲା । ଓଡ଼ିଶାର ସମସ୍ତ ବ୍ୟବସାୟୀ, ପ୍ରାୟ ସମସ୍ତ ଜମିଦାର ଓ ପ୍ରାୟ ସମସ୍ତ ରାଜକର୍ମଚାରୀ ଅଣଓଡ଼ିଆ ଥିଲେ ।

ଏହି ଦୀର୍ଘ ସମୟ ମଧ୍ୟରେ ଓଡ଼ିଆମାନଙ୍କ ଏପରି ଶୋଚନୀୟ ଅବସ୍ଥା ହୋଇଥିଲା କାହିଁକି ? ଓଡ଼ିଆମାନଙ୍କ ଅଧଃପତନର ବହୁ କାରଣ ମଧ୍ୟରୁ ଗୋଟିଏ ପ୍ରଧାନ କାରଣ ହେଉଛି ସେମାନଙ୍କ ଅତୀତ ପ୍ରତି ଅତିଭକ୍ତି । ମୁସଲମାନ-ମରହଟ୍ଟାମାନଙ୍କ ଦ୍ୱାରା ଶାସିତ ହେବାବେଳେ ଓଡ଼ିଶାରେ ଯେଉଁ ନୂତନ ପରିସ୍ଥିତି ଓ ସଂସ୍କୃତିର ଅଭ୍ୟୁଦୟ ଘଟିଲା, ସେହି ପରିସ୍ଥିତି ଓ ସଂସ୍କୃତି ସହିତ ସହଯୋଗ କରି ସେଥିରୁ ଯେତିକି ସୁବିଧା ପାଇବାର କଥା, ଓଡ଼ିଆମାନେ ତାହା ପାଇପାରି ନଥିଲେ । ସେମାନେ ଯେ ଦିନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡର ଅଧିଶ୍ୱର ଥିଲେ, ଏହି ଗର୍ବ ସର୍ବଦା ମନରେ ବହି ସେମାନେ ନୂତନ ଶାସକମାନଙ୍କ ସହିତ ସାଲିସ୍ କରିନଥିଲେ । କିମ୍ୱା ସେମାନଙ୍କ ସଂସ୍କୃତିକୁ ସ୍ପର୍ଶ କରିନଥିଲେ । ଫଳରେ ନୂତନ ଶାସକମାନଙ୍କ ଶାସନ ସଂସ୍ଥାରେ ଓ ସୈନ୍ୟ ବିଭାଗରେ ଓଡ଼ିଆମାନଙ୍କ ପ୍ରବେଶର ଅଧିକାର ନଥିଲା ।

**121.** ଓଡ଼ିଆମାନଙ୍କର ଅଧଃପତନର କାରଣ କେଉଁଟି ?

(1) କଳୁଷିତ ରାଜନୀତି
(2) ଘୋର ଆର୍ଥିକ ଅନଟନ
(3) ଅତୀତ ପ୍ରତି ଅତ୍ୟଧିକ ମୋହ
(4) ପାରିବାରିକ କନ୍ଦଳ

**122.** 379 ବର୍ଷ ଧରି ଓଡ଼ିଶାରେ କି ପ୍ରକାର ଶାସନ ଚାଲିଥିଲା ବୋଲି ଲେଖକ କହିଛନ୍ତି ?

(1) କୁଶାସନ
(2) ଅନ୍ଧାରୀଶାସନ
(3) ଇଂରେଜ ଶାସନ
(4) ସୁଶାସନ

Prepp
Your Personal Exams Guide

**123.** 'ଗୌରବୋଜ୍ଜ୍ୱଳ' - ର କେଉଁ ବିଚ୍ଛେଦଟି ଠିକ୍ ?

(1) ଗୁରୁ+ଉଜ୍ଜ୍ୱଳ (2) ଗୌରବ+ଉଜ୍ଜ୍ୱଳ

(3) ଗୁରୁ+ଜ୍ଜ୍ୱଳ (4) ଗୌରବ+ଜ୍ଜ୍ୱଳ

**124.** ଓଡ଼ିଶାରେ ଅନ୍ଧକାରମୟ ଯୁଗରେ ରାଜକର୍ମଚାରୀ କେଉଁମାନେ ଥିଲେ ?

(1) ପାର୍‌ସୀ (2) ଅଣଓଡ଼ିଆ

(3) ପର୍ତ୍ତୁଗୀଜ (4) ଇଂରେଜ

**125.** କେଉଁ ଯୁଗରେ ଓଡ଼ିଆ ନେତାଏ ଖ୍ୟାତି ଅର୍ଜନ କରିଥିଲେ ?

(1) ଗଣତାନ୍ତ୍ରିକ ଯୁଗରେ (2) ପ୍ରାଚୀନ ଯୁଗରେ

(3) ଅନ୍ଧକାରମୟ ଯୁଗରେ (4) କଳିଯୁଗରେ

**126.** ସାଧାରଣତଃ ଗୋଟିଏ ଜାତି କେଉଁଥିରେ ଆର୍ଥିକ ଉନ୍ନତି ଲାଭ କରିଥାଏ ବୋଲି ଲେଖକ ମତ ଦେଇଛନ୍ତି ?

(1) ବାଣିଜ୍ୟ ଓ କୃଷିରେ (2) ପର୍ଯ୍ୟଟନରେ

(3) ଚିକିତ୍ସା ବିଜ୍ଞାନରେ (4) ଶିଳ୍ପରେ

**127.** ଓଡ଼ିଶାରେ କାହା ଶାସନ କାଳରେ ନୂତନ ପରିସ୍ଥିତିର ଉଦ୍ରେକ ଘଟିଥିଲା ?

(1) ମୁସଲମାନ-ମରହଟ୍ଟା (2) ରାଜାରାଜୁଡ଼ା

(3) ଜମିଦାର (4) ଇଂରେଜ

**128.** 'ତୁଙ୍ଗ' - ଶବ୍ଦଟି କାହାକୁ ବୁଝାଉଛି ?

(1) ନିମ୍ନସ୍ତରକୁ (2) ମଧ୍ୟମସ୍ତରକୁ

(3) ସାଧାରଣ ସ୍ତରକୁ (4) ଉଚ୍ଚସ୍ତରକୁ

Prepp
Your Personal Exams Guide

**ନିମ୍ନ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 129-135 ର ଉତ୍ତର ପ୍ରଦାନ କର ।**

ଆଜିର ବୈଜ୍ଞାନିକମାନେ ଏହି ଡି.ଏନ.ଏ. ରେ ଲୁକ୍କାୟିତ ନୂତନ ଜୀବମାନଙ୍କ ପାଇଁ ଥିବା ସଙ୍କେତସବୁକୁ ନେଇ ଅନେକ ଖେଳ ଖେଳିବାରେ ଲାଗିଲେଣି । ଜିନ୍‌ର ପ୍ରାକୃତିକତାରେ ହସ୍ତକ୍ଷେପ କରି ସେମାନେ କେତେକ କୃତ୍ରିମ ପରିବର୍ତ୍ତନ ଆଣିବାକୁ ସକ୍ଷମ ହେଲେଣି । ଏହାଦ୍ୱାରା ଅନେକ ବଂଶାନୁକ୍ରମ ରୋଗ ସବୁ ଅନାୟାସରେ ଏଡ଼ାଯାଇପାରିବ ଏହା ସେମାନଙ୍କ ବିଶ୍ୱାସ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହିଁ ଜେନେଟିକ୍ ଇଞ୍ଜିନିୟରିଂ ନାମରେ ସର୍ବଜନବିଦିତ । କିନ୍ତୁ ମନେ ରଖିବା ଉଚିତ, ଏହା ଟ୍ରକ୍ ବା କାର୍ ମରାମତି ଗ୍ୟାରେଜ ନୁହେଁ ବା କୌଣସି କାରଖାନାର କଳକବ୍‌ଜା ସଜଡ଼ା କାମ ନୁହେଁ । ଜୀବକୋଷର ସୂକ୍ଷ୍ମ ପରିବେଶରେ ନାଭିକେନ୍ଦ୍ର ଆହୁରି ସକ୍ଷୁଦ୍ର । ପୁଣି ତନ୍ମଧ୍ୟରେ ଥିବା ନ୍ୟଷ୍ଟିକାମ୍ଳ ତଥା ଡି.ଏନ.ଏ. ସୂକ୍ଷ୍ମାତିସୂକ୍ଷ୍ମ । ଯାହାକୁ ଦେଖିବାକୁ କେବଳ ଇଲେକ୍‌ଟ୍ରନ୍ ମାଇକ୍ରୋସ୍କୋପ ହିଁ ସମର୍ଥ । ସେପରି ସୀମିତ ସ୍ଥାନରେ ଭଙ୍ଗା ଗଢ଼ାର ପରୀକ୍ଷା ନିରୀକ୍ଷା ନିଶ୍ଚୟ ଏକ ଦୁରୂହ ବ୍ୟାପାର । ତଥାପି ବୈଜ୍ଞାନିକମାନଙ୍କର ବିଶ୍ୱାସ ଯଦି ଡି.ଏନ.ଏ.ରୁ କ୍ୟାନ୍‌ସର, ଏଡ୍‌ସ, ମଧୁମେହ ବା ଡାୟାବେଟିସ୍ ଆଦି ରୋଗ ସୃଷ୍ଟିକାରୀ ଅଂଶମାନଙ୍କୁ କାଢ଼ି ଦିଆଯାଇପାରେ ତେବେ ନିରୋଗ ମଣିଷ ସମାଜ ସୃଷ୍ଟି କରିବା କଷ୍ଟକର ହେବ ନାହିଁ । ଜେନେଟିକ୍ ଇଞ୍ଜିନିୟରିଂ ବୈଜ୍ଞାନିକମାନେ କୁହନ୍ତି ଯଦି ଭ୍ରୁଣ ଅବସ୍ଥାରୁ ଏହି ଜିନ୍ ଭିତରେ ସ୍ନାୟୁ ଉତ୍ତେଜକ ବିକାଶ ଉନ୍ମୁଖ ପଦାର୍ଥ ସଂଯୋଜିତ କରାଯାଇପାରେ ତେବେ ସନ୍ତାନସନ୍ତତିମାନେ ଖୁବ୍ ବୁଦ୍ଧିମାନ ହୋଇପାରିବେ । ଏହି ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହେଲାପରେ ବୈଜ୍ଞାନିକମାନଙ୍କ ନିକଟରେ ପିତାମାତାଙ୍କର ଯେ ମାଇଲ ମାଇଲ ଲମ୍ବ ଧାଡ଼ି ଲାଗିବ ଏହା ନିଶ୍ଚିତ ।

**129.** ବୈଜ୍ଞାନିକଗଣ କିପରି ଜିନ୍‌ର ପ୍ରାକୃତିକତାରେ କୃତ୍ରିମ ପରିବର୍ତ୍ତନ ଆଣିବାକୁ ସକ୍ଷମ ହେଲେଣି ?

(1) ନୂତନ ପରୀକ୍ଷା କରି (2) ନୂଆ ଜୀବକୋଷ ସୃଷ୍ଟିକରି

(3) ବୁଦ୍ଧିବଳରେ (4) ହସ୍ତକ୍ଷେପ କରି

**130.** ଡି.ଏନ୍.ଏ.ରୁ ରୋଗ ସୃଷ୍ଟିକାରୀ ଅଂଶକୁ କାଢ଼ିଦେଲେ କ'ଣ ସୃଷ୍ଟି କରିବା ସମ୍ଭବପର ?

(1) ଚିନ୍ତାମୁକ୍ତ ମଣିଷ ସମାଜ (2) ଶାନ୍ତ ମଣିଷ ସମାଜ

(3) ନିରୋଗ ମଣିଷ ସମାଜ (4) ଆଦର୍ଶ ମଣିଷ ସମାଜ

**131.** ଜିନ୍ ଭିତରେ ସ୍ନାୟୁ ଉତ୍ତେଜକ ପଦାର୍ଥ ସଂଯୋଜିତ କଲେ ସନ୍ତାନସନ୍ତତିଙ୍କ ସ୍ଥିତି କ'ଣ ହେବ ?

(1) ବୁଦ୍ଧିମାନ (2) ବାଚାଳ (3) ତେଜୋମୟ (4) ମୂର୍ଖ

**132.** ଡି.ଏନ୍.ଏ.ରେ ନୂତନ ଜୀବମାନଙ୍କର କେଉଁ ଜିନିଷ ଲୁଚି ରହିଥିଲା ?

(1) ଜୀବନୀଶକ୍ତି (2) ସଂକେତ (3) ଅବସ୍ଥିତି (4) ଜୀବକୋଷ

**133.** ଜୀବକୋଷର କେଉଁ ପରିବେଶରେ ନାଭିକେନ୍ଦ୍ର ଆହୁରି ସକ୍ଷୁଦ୍ର ?

(1) ସୂକ୍ଷ୍ମ (2) ସ୍ଥୂଳ (3) ଜଡ଼ (4) ଜୀବନ୍ତ



Prepp Your Personal Exam Guide

**134.** 'ଦୁରୂହ' - ଶବ୍ଦର ଅର୍ଥ କ'ଣ ?

(1) ଶଙ୍କାଯୁକ୍ତ (2) କଷ୍ଟକର (3) ସନ୍ଦେହଯୁକ୍ତ (4) କ୍ଳାନ୍ତିକର

**135.** 'ସଂଯୋଜିତ' - ରେ କେଉଁ ଉପସର୍ଗ ରହିଛି ?

(1) ସମ୍ (2) ସୁ (3) ଅତି (4) ଉତ୍

**136.** ଭାଷା ପରିବର୍ତ୍ତନ (Translanguaging) କ'ଣ ?

(1) ସମୟର ପରିବର୍ତ୍ତନ ଅନୁସାରେ ଭାଷା କିପରି ପରିବର୍ତ୍ତନ ହୁଏ, ଜାଣିବା

(2) କ୍ଲାସରୁମ୍‌ରେ ଏକରୁ ଏକାଧିକ ଭାଷାକୁ ସଫଳ ଭାବେ ବ୍ୟବହାର କରିବାର ଏକ ଶିକ୍ଷଣଗତ ଧାରା

(3) ଶିକ୍ଷାନୀତି ଅନୁସାରେ ଯେତେଗୁଡ଼ିଏ ଭାଷା ବିଦ୍ୟାଳୟ ସ୍ତରରେ ଶିକ୍ଷା ଦିଆଯାଏ, ତା' ମଧ୍ୟରୁ ଗୋଟିଏ ଭାଷା

(4) ଭାଷା ଶିକ୍ଷା ଓ ଶିକ୍ଷଣ ସମୟରେ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଯିବା

**137.** ଘୋଷିତ ଜ୍ଞାନ ହେଉଛି -

(1) ବ୍ୟାକରଣଗତ ପାଠ ବିଷୟରେ ଜ୍ଞାନ ଲାଭ କରିବା

(2) ଏକ ବ୍ୟାକରଣ ପାଠ୍ୟରେ ଭୁଲ୍ ଚିହ୍ନଟ ବିଷୟରେ ଜାଣିବା

(3) ବ୍ୟାକରଣ ପାଠ କେମିତି କରାଯିବ ସେ ବିଷୟରେ ଜାଣିବା

(4) ଗୋଟିଏ ଭାଷାରେ ଶବ୍ଦ ଉଚ୍ଚାରଣ ଜାଣିବା

**138.** ଷଷ୍ଠ ଶ୍ରେଣୀର ଜଣେ ଶିକ୍ଷକ କ୍ଲାସରୁମ୍‌କୁ ଚାମଚ, ପ୍ଲେଟ୍, ବାସନ, ବାକ୍ସ ଓ କଡ଼େଇ ଆଦି ଜିନିଷ ଆଣି ତା' ମାଧ୍ୟମରେ ସେହିସବୁ ଜିନିଷ ବିଷୟରେ ଲେଖି ଶବ୍ଦଜ୍ଞାନ ବଢ଼ାଇବାକୁ ଶିକ୍ଷା ଦେଇଛନ୍ତି ।

ଭାଷା ଶିକ୍ଷାରେ ଏହିସବୁ ଜିନିଷକୁ କ'ଣ କୁହାଯାଏ ?

(1) ରିଅଲିଆ (2) ରନ୍ଧନ ଦ୍ରବ୍ୟ

(3) ବାସ୍ତବ ଜୀବନ ଆଧାରିତ କାର୍ଯ୍ୟ (4) ଶିକ୍ଷଣ ସାମଗ୍ରୀ

**139.** ଏଥିମଧ୍ୟରୁ କେଉଁ ପଦ୍ଧତି ମୌଖିକ ଡ୍ରିଲ୍ ଏବଂ ଭାଷାର ସାଧାରଣ ଉପାଦାନଗୁଡ଼ିକ ଉପରେ ପ୍ରବୀଣତା, ଭାଷାଶିକ୍ଷା ନିମନ୍ତେ ଅତି ଆବଶ୍ୟକ ବୋଲି ଯୁକ୍ତି କରାଯାଏ ?

(1) ବ୍ୟାବହାରିକ ଭାଷା ଶିକ୍ଷା (2) ବ୍ୟାକରଣ ଅନୁବାଦ ପଦ୍ଧତି

(3) ସମ୍ପୂର୍ଣ୍ଣ ଶାରୀରିକ ପ୍ରତିକ୍ରିୟା (4) ଦୃଶ୍ୟଭାଷିକତା

Prepp
Your Personal Exams Guide

**140.** ଏଠାରେ ଏକ ପ୍ରଶ୍ନ ଦିଆଯାଇଛି । ପଢ଼ ଏବଂ ଏହା କେଉଁ ପ୍ରକାରର ପ୍ରଶ୍ନ ବାଛ । ଛୋଟ ଝିଅଟିର କାହାଣୀ ପଢ଼ିଲା ପରେ ତା'ର ଦୁର୍ଘଟଣାର ସାମନା କରିବାରେ ଦୁଃଖ ଯନ୍ତ୍ରଣା ଓ ସାହସ ବିଷୟରେ ଜାଣି ତମେ ଭାଙ୍ଗିପଡ଼ିବ । ଝିଅଟିକୁ ପ୍ରଶଂସା କରି ଚିଠିଟିଏ ଲେଖ । 120 ଶବ୍ଦ ମଧ୍ୟରେ ଚିଠିଟି ଲେଖ ।

(1) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ
(2) କଳନାତ୍ମକ ପ୍ରଶ୍ନ
(3) ଅଡୁଆତଡୁଆ ପ୍ରଶ୍ନ
(4) ବର୍ଣ୍ଣନାତ୍ମକ ପ୍ରଶ୍ନ

**141.** ତ୍ରିଭାଷୀ ସୂତ୍ର ଅନୁସାରେ କେଉଁଟି ସତ୍ୟ ?

(1) ପ୍ରାଦେଶିକ ଭାଷାରେ ସବୁପିଲା ନିଜର ସ୍କୁଲ ପାଠ ଆରମ୍ଭ କରିଥାନ୍ତି ଏବଂ ହାଇସ୍କୁଲ ପାଠ ଶେଷବେଳକୁ ଅନ୍ତତଃ ଆଉ ଦୁଇଟି ଅଧିକ ଭାଷା ଶିଖିଯାଇଥାନ୍ତି ।

(2) ସରକାରୀ ଭାଷା, ହିନ୍ଦୀରେ ସବୁପିଲା ନିଜର ସ୍କୁଲପାଠ ଆରମ୍ଭ କରିଥାନ୍ତି ଏବଂ ହାଇସ୍କୁଲ ପାଠ ଶେଷ ବେଳକୁ ଅନ୍ତତଃ ଆଉ ଦୁଇଟି ଭାଷା ଶିଖିଯାଇଥାନ୍ତି ।

(3) ନିଜ ମାତୃଭାଷା/ଘରୋଇ ଭାଷାରେ ସବୁପିଲା ସ୍କୁଲପାଠ ଆରମ୍ଭ କରିଥାନ୍ତି ଏବଂ ହାଇସ୍କୁଲ ପାଠ ଶେଷବେଳକୁ ସେମାନେ ଅନ୍ତତଃ ଆଉ ଅଧିକ ଦୁଇଟି ଭାଷା ଶିଖି ଯାଇଥାନ୍ତି ।

(4) ଇଂରାଜୀ/ଘରୋଇ ଭାଷା ମାଧ୍ୟମରେ ସବୁପିଲା ତାଙ୍କର ସ୍କୁଲପଢ଼ା ଆରମ୍ଭ କରିଥାନ୍ତି ଏବଂ ସେମାନେ ନିଜର ହାଇସ୍କୁଲ ପାଠ ଶେଷ କଲାବେଳେ ଅନ୍ତତଃ ଦୁଇଟି ଅଧିକ ଭାଷା ଶିଖିଯାଇଥାନ୍ତି ।

**142.** ଭାଷାଶିକ୍ଷାରେ ଜାତୀୟ ଶିକ୍ଷାନୀତି-2020ର କେଉଁଟି ସତ୍ୟନୁହେଁ ?

(1) ତ୍ରିଭାଷୀ ସୂତ୍ରରେ ମାତୃଭାଷା/ଘରୋଇ ଭାଷା ଶିକ୍ଷା
(2) ତ୍ରିଭାଷୀ ସୂତ୍ରରେ ଭାରତୀୟ ଭାଷା ଶିକ୍ଷା
(3) ତ୍ରିଭାଷୀ ସୂତ୍ରରେ ଇଂରାଜୀକୁ ଏକ ଭାଷା ଭାବେ ଶିକ୍ଷା
(4) ତ୍ରିଭାଷୀ ସୂତ୍ରରେ ଶାସ୍ତ୍ରୀୟ ଭାଷା ଶିକ୍ଷା

**143.** ଭାଷାଶିକ୍ଷା ପାଇଁ କେଉଁ ମନ୍ତବ୍ୟଟି ସତ୍ୟ ?

(1) ଦ୍ୱିତୀୟ ଭାଷା ଶିକ୍ଷାରେ ସ୍ଥାନୀୟ/ପ୍ରଥମ ଭାଷାର ଜ୍ଞାନ କିଛି କାମ ଦେଇନଥାଏ
(2) ଦ୍ୱିତୀୟ ଭାଷା ଶିକ୍ଷାରେ ସ୍ଥାନୀୟ/ପ୍ରଥମ ଭାଷା ସହାୟତା ଯୋଗାଇଥାଏ
(3) ପ୍ରଥମ ଭାଷା ଓ ଦ୍ୱିତୀୟ ଭାଷା ଶିକ୍ଷା ପୂରାପୂରି ଭିନ୍ନ
(4) ଦ୍ୱିତୀୟ ଭାଷା ଶିକ୍ଷାରେ ସ୍ଥାନୀୟ/ପ୍ରଥମ ଭାଷାର ଜ୍ଞାନ ବାଧା ଦେଇଥାଏ

Prepp
Your Personal Exams Guide

**144.** ଗୋଟିଏ ସମାଜବିଜ୍ଞାନ କ୍ଲାସରେ ବିଦ୍ୟାର୍ଥୀଗଣ ଶିକ୍ଷକଙ୍କ ବକ୍ତବ୍ୟର ମୁଖ୍ୟ ଉଦ୍ଦେଶ୍ୟ ଜାଣିବାକୁ ଚେଷ୍ଟା କରନ୍ତି ଏବଂ ତାର ନିଷ୍କର୍ଷ ଲେଖିବାକୁ ଚେଷ୍ଟା କରନ୍ତି । ଏହି କୌଶଳକୁ କୁହାଯାଏ -

(1) ଶ୍ରବଣ କୌଶଳ (2) ଲିଖନ କୌଶଳ

(3) ବୋଧଜ୍ଞାନଗତ କୌଶଳ (4) ଅଧ୍ୟୟନ କୌଶଳ

**145.** ଭାଷାରେ ଶୁଦ୍ଧ ଲିଖନ ଆହରଣରେ କେଉଁ ପଦ୍ଧତିଟି ସଂପୃକ୍ତ ?

(1) ବୁଦ୍ଧିମନ୍ଥନ-ପଏଣ୍ଟ ଲେଖିନେବା-ଚିଠା ଲେଖିବା-ଆଉଟ୍‌ଲାଇନ୍ କରିବା-ସମ୍ପାଦନା-କାର୍ଯ୍ୟଶେଷ କରିବା

(2) ବୁଦ୍ଧିମନ୍ଥନ-ପଏଣ୍ଟ ଲେଖିନେବା-ଚିଠା ଲେଖିବା-ସମ୍ପାଦନା-ଆଉଟ୍‌ଲାଇନ୍ କରିବା-କାର୍ଯ୍ୟଶେଷ କରିବା

(3) ବୁଦ୍ଧିମନ୍ଥନ-ପଏଣ୍ଟ ଲେଖିନେବା-ଆଉଟ୍‌ଲାଇନ୍ କରିବା-ଚିଠା ଲେଖିବା-ସମ୍ପାଦନା-କାର୍ଯ୍ୟଶେଷ କରିବା

(4) ବୁଦ୍ଧିମନ୍ଥନ-ଆଉଟ୍‌ଲାଇନ୍ ପ୍ରସ୍ତୁତ କରିବା-ଚିଠା ପ୍ରସ୍ତୁତି-ପଏଣ୍ଟ ଲେଖିନେବା-ସମ୍ପାଦନା-କାର୍ଯ୍ୟଶେଷ କରିବା

**146.** ଶିକ୍ଷାର ଭାଷା ବା ଭାଷାରେ ପ୍ରବୀଣତା ବିଭିନ୍ନ ପ୍ରକାରର ବିଷୟ ପ୍ରସଙ୍ଗ ଆବଶ୍ୟକ କରିଥାଏ । ଏହା ହେଉଛି -

(1) ମୌଳିକ ପାରସ୍ପରିକ ବାର୍ତ୍ତାଳାପ କୌଶଳ

(2) କଥୋପକଥନ ଧର୍ମୀ ଭାଷିକ କୌଶଳ

(3) ବୈଜ୍ଞାନିକ ଆଧାରିତ ସାଧାରଣ ଭାଷା ପ୍ରବୀଣତା

(4) ଆନ୍ତଃଭାଷିକ ପ୍ରବୀଣତା

**147.** ସପ୍ତମ ଶ୍ରେଣୀରେ ପଢୁଥିବା ଇଲମ କନ୍ନଡ଼, ମରାଠୀ, ହିନ୍ଦୀ ଓ ଇଂରାଜୀ ଚାରୋଟି ଭାଷା କହିପାରେ । ଘରେ ବାପା, ମା'ଙ୍କ ସହିତ ସେ ଏଇ ଚାରୋଟି ଭାଷାରେ ଭଲଭାବେ କଥାବାର୍ତ୍ତା କରିଥାଏ । ସ୍କୁଲରେ ସେ ହିନ୍ଦୀ, କନ୍ନଡ଼ ଓ ଇଂରାଜୀ ଭାଷା ବ୍ୟବହାର କରିଥାଏ, ଯାହା ତା'ର ସାଙ୍ଗସାଥୀ ଓ ଶିକ୍ଷକଗଣ ଜାଣିଥାନ୍ତି । ଏହି ଅଭ୍ୟାସଟିକୁ କ'ଣ କୁହାଯାଏ ?

(1) କୋଡ୍ ମିକ୍ସିଙ୍ଗ୍ (2) କୋଡ୍ ମୁଭିଙ୍ଗ (3) ଆନ୍ତଭାଷା (4) ଆନ୍ତଭାଷିକ ଦକ୍ଷତା

**148.** ଯେଉଁ ପରିସ୍ଥିତିରେ ବସ୍ତୁର ବିପରୀତଧର୍ମୀ ପଦାର୍ଥର ସାହାଯ୍ୟ ବସ୍ତୁ ସମ୍ପର୍କରେ ଅଧିକ ଜାଣିବା ପାଇଁ ନିଆଯାଏ, ସେ ଧରଣର ପଦ୍ଧତିକୁ ଭାଷା ଶିକ୍ଷାର୍ଥୀଙ୍କର କେଉଁ ପ୍ରକାର ବିକାଶରେ ବ୍ୟବହାର କରାଯାଇଥାଏ ?

(1) ପଦ୍ଧତି ଆଧାରିତ କୌଶଳ (2) ଆଲୋଚନାତ୍ମକ ସାକ୍ଷରତା

(3) ସାକ୍ଷରତା ବିକାଶ (4) ଆଲୋଚନାତ୍ମକ ବିଚାର

Prepp
Your Personal Exams Guide

**149.** ଅଷ୍ଟମ ଶ୍ରେଣୀର ଜଣେ ଶିକ୍ଷକ ଏକ ପାଠର ପାଞ୍ଚଧାଡ଼ି ଇଂରାଜୀରେ ଦୁଇଥର ପଢ଼ି ବିଦ୍ୟାର୍ଥୀମାନଙ୍କୁ ଯତ୍ନର ସହ ଶୁଣିବାକୁ କହିଛନ୍ତି । ପରେ ସେ ପିଲାଙ୍କୁ ଚାରିଜଣିଆ ଦଳରେ ବିଭକ୍ତ କରି ସେହି ପାଠକୁ ଆଉଥରେ ଟିକିଏ ବଦଳାଇ ଲେଖିବାକୁ କହିଛନ୍ତି । ଏହି କାର୍ଯ୍ୟକୁ କ'ଣ କୁହାଯାଏ ?

(1) ଅନୁଚ୍ଛେଦ ଲିଖନ (2) ସଂଘବଦ୍ଧ ଲିଖନ (3) ଶ୍ରବଣ କାର୍ଯ୍ୟ (4) କାର୍ଯ୍ୟଲିଖନ

**150.** ଶିକ୍ଷଣ ଫଳର ଉଦ୍ଦେଶ୍ୟ ହେଲା ଶିକ୍ଷାର୍ଥୀ __________ ହାସଲ କରିବା ।

(1) କିଛି ପରିମାଣରେ ଦକ୍ଷତା (2) ଅଳ୍ପ ପରିମାଣର କୌଶଳ ଶିକ୍ଷା

(3) କିଛି ପରିମାଣରେ ଭାଷାର ଉପାଦାନ (4) କିଛି ପରିମାଣରେ ବ୍ୟାକରଣଗତ ଜ୍ଞାନ

- o O o -

prepp Your Personal Exam Guide

www.prepp.in

SPACE FOR ROUGH WORK

# ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢ଼ିନେବା ଉଚିତ୍ ।
2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତରଖାତାର **ପୃଷ୍ଠା-2** ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
4. ପ୍ରଶ୍ନପତ୍ର ଓ ଉତ୍ତରଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
6. OMR ଉତ୍ତରପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍ ଦ୍ୱାରା ପଢ଼ାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।
7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
8. ମୋବାଇଲ୍ ଫୋନ, ୱାୟରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।
9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ଦେଖାଇବେ ।
10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ବିନା କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
11. ପରୀକ୍ଷକଙ୍କୁ ଉତ୍ତରଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବେ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନଥିବା ପରୀକ୍ଷାର୍ଥୀ ଉତ୍ତରଖାତା ଦେଇ ନାହାନ୍ତି ଏବଂ ଅସାଧୁ କାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ଧରିନିଆଯିବ । **ପରୀକ୍ଷାର୍ଥୀ ନିଜର ବାମହାତର ବୃଦ୍ଧାଙ୍ଗୁଷ୍ଠିର ଚିହ୍ନ ଉପସ୍ଥିତି ପତ୍ରରେ ଦିଆଯାଇଥିବା ସ୍ଥାନରେ ଦେବା ଆବଶ୍ୟକ ।**
12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ୍ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
15. **ପରୀକ୍ଷା ସରିଲା ପରେ, ଉତ୍ତରପତ୍ରକୁ ପରୀକ୍ଷା କକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇପାରିବେ ।**

Prepp
Your Personal Exams Guide

## निम्नलिखित निर्देशों को ध्यान से पढ़ें :

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **नीले/काले बॉल पॉइन्ट पेन** से भरें। एक बार उत्तर अंकित करने के बाद उसे बदला नहीं जा सकता है।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ। परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के कोड या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी।
5. परीक्षा पुस्तिका/उत्तर पत्र में दिए गए परीक्षा पुस्तिका कोड व संख्या को परीक्षार्थी सही तरीके से उपस्थिति-पत्र में लिखें।
6. OMR उत्तर पत्र में कोडित जानकारी को एक मशीन पढ़ेगी। इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है।
8. मोबाइल फोन, बेतार संचार युक्तियाँ (स्विच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए। इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और परीक्षार्थी विरुद्ध कार्यवाही की जाएगी, परीक्षा रद्द करने सहित।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें।
11. कार्यरत निरीक्षक को अपना उत्तर पत्र दिए बिना एवं उपस्थिति-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे। यदि किसी परीक्षार्थी ने दूसरी बार उपस्थिति-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा। **परीक्षार्थी अपने बाएँ हाथ के अंगूठे का निशान उपस्थिति-पत्र में दिए गए स्थान पर अवश्य लगाएँ।**
12. इलेक्ट्रॉनिक/हस्तचालित परिकलक का उपयोग वर्जित है।
13. परीक्षा हॉल/कक्ष में आचरण के लिए परीक्षार्थी परीक्षण संस्था के सभी नियमों एवं विनियमों द्वारा नियमित हैं। अनुचित साधनों के सभी मामलों का फैसला परीक्षण संस्था के नियमों एवं विनियमों के अनुसार होगा।
14. किसी भी परिस्थिति में परीक्षा पुस्तिका और उत्तर पत्र का कोई भाग अलग न करें।
15. **परीक्षा सम्पन्न होने पर, परीक्षार्थी हॉल/कक्ष छोड़ने से पूर्व उत्तर पत्र निरीक्षक को अवश्य सौंप दें।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं।***

## READ THE FOLLOWING INSTRUCTIONS CAREFULLY :

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Blue / Black Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet/Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, it will be considered as using unfair means in the examination and action will be taken against the candidate including cancellation of examination.
9. Each candidate must show on demand his/her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his/her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic/Manual Calculator is prohibited.
13. The candidates are governed by all Rules and Regulations of the Examining Body with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Examining Body.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall / Room.** ***The candidates are allowed to take away this Test Booklet with them.***